ପ୍ରେସ୍ ନୋଟ୍

# ବଲାସିଂହା ଠାରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ଓ ଅକ୍ଷିମୁଠି ଅନୁକୁଳ କାର୍ଯ୍ୟକ୍ରମ ଅନୁଷ୍ଠିତ ।

ଅନୁଗୋଳ,ତା. ୦୩.୦୫:- ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ଜଡିତ ପବିତ୍ର ଅକ୍ଷୟ ତୃତୀୟା ଓ ଅକ୍ଷିମୁଠି ଅନୁକୁଳ କାର୍ଯ୍ୟ ଆଜି ପୂର୍ବାହ୍ନରେ ଅନୁଗୋଳ ବ୍ଲକ୍ ଅନ୍ତର୍ଗତ ବଲାସିଂହାର ବାଲିସାହି ଗ୍ରାମ ଠାରେ ପାରମ୍ପରିକ ଭାବେ ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜମିର ଐଶାନ୍ୟ କୋଣରେ ଅକ୍ଷିମୁଠି ପକାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଆଜିର ଦିବସରେ ଚାଷୀ ଯାହା ଚାଷ କରିବେ ତାର ଉପଯୁକ୍ତ ସଫଳତା ପାଇବେ ବୋଲି ସେ ମତବ୍ୟକ୍ତ କରିଥିଲେ । ଚାଷୀମାନଂକ ପାଇଁ ଆଜି ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ଆଜି ଠାରୁ ନିଜର ଚାଷ ଉପକରଣ ପ୍ରସ୍ତୁତ କରି ଚାଷୀମାନେ ରଖିଥାନ୍ତି । ଏ ବର୍ଷ ଚାଷୀମାନେ ଚାଷ କରି ଭଲ ଉତ୍ପାଦନ ଉପରେ ସେ ଆଶାବ୍ୟକ୍ତ କରିଥିଲେ । ଚଳିତ ବର୍ଷ ସୁନାର ଫସଲ ଫଳିବା ସହ ଚାଷୀମାନଂକ ପାଇଁ ଏହା ପର୍ଯ୍ୟାପ୍ତ ଖୁସି ଆଣିଦେବ ବୋଲି ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭାର ଉପ-ବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ଯୋଗ ଦେଇ ଚାଷ ଉପରେ ଗୁରୁତ୍ୱ ଦେବା ସହ ଚାଷ ଅଛି ଯାହାର ବାସ ଅଛି ତାହାର ବୋଲି ପ୍ରକାଶ କରିଥିଲେ । ସରକାରଂକ ଦ୍ୱାରା ବିଭିନ୍ନ କୃଷି ଭିତ୍ତିକ ଯୋଜନା ଚାଷୀମାନଂକୁ ପ୍ରଦାନ କରାଯାଉଥିବା ସହ ଏହାର ରିହାତି ଓ ପ୍ରୋତ୍ସାହନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ବିଭାଗୀୟ ଅଧିକାରୀଂକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ଚାଷ ପ୍ରତି ଚାଷୀର ଆଗ୍ରହ ବଢାଇବା ସହ ଆନୁସଂଗିକ କୃଷି ଉପକରଣ ସରକାର ଆନ୍ତରିକତାର ସହ ପ୍ରଦାନ କରିଆସୁଛନ୍ତି ବୋଲି ସେ ସୁଚନା ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଅକ୍ଷୟ ତୃତୀୟା ଓ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳନର ଗୁରୁତ୍ୱ ଓ ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଦେବରାଜ ମହାନ୍ତି ଏହି ସଭାରେ ସଭାପତିତ୍ୱ କରିଥିଲେ । ବଲାସିଂହାର ପୂର୍ବତନ ସରପଞ୍ଚ ଶ୍ରୀ ସାରଥି ପ୍ରଧାନ ପ୍ରାରମ୍ଭରେ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଚାଷୀ ଓ ଚାଷର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ପବିତ୍ର ଅକ୍ଷୟ ତୃତୀୟା ଚାଷୀର ମନରେ ଆଣିଥାଏ ଅପୂର୍ବ ଆନନ୍ଦ ଓ ଉତ୍ସାହ ଯାହା ଫଳରେ ସେ ଏହି ଦିନରେ ତାର ଚାଷ କାର୍ଯ୍ୟ ଆରମ୍ଭ କରି ଭଲ ଫସଲ ପାଇବାର ଆଶା ରଖିଥାଏ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ରାଜଶ୍ରୀ ସାହୁଙ୍କ ସମେତ କୃଷି ଓ ଆନୁସଂଗୀକ ବିଭାଗର ପଦାଧିକାରୀ ଓ ଚାଷୀମାନେ ଯୋଗ ଦେଇଥିଲେ ।


ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା
ଓ କୃଷକ ଦିବସ ପାଳନ- ୨୦୨୨
ଗ୍ରାମ ପଞ୍ଚାୟତ- ବଲାଙ୍ଗିଡ଼ା (ବାଲିସାହି), ତା- ୦୩.୦୫.୨୦୨୨ (ମଙ୍ଗଳବାର)
ବ୍ଲକ/ଜିଲ୍ଲା- ଅନୁଗୋଳ
ସୌଜନ୍ୟ - ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଅନୁଗୋଳ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା